# Akashvani, Sambalpur

## SAMBALPURI NEWS EVENING BULLETIN

**22 December 2025- 7.02 pm- 7.12 pm.**

*******************************************

୧- ହାଇଦ୍ରାବାଦ୍ ନିବେଶକ୍ ସମ୍ମିଳନୀଥି ୨୭ ହଜାର୍ ୬ ଶହ ୫୦ କୋଟି ଟଙ୍କାର୍ ୧୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ଜାନୁଆରୀ ୨୮ ଆଉ ୨୯ ତାରିଖ୍ ଦିନ ରାଉର୍‌କେଲା ନ ହେବା ଏଂଟରପ୍ରାଇଜ୍ ଓଡ଼ିଶା ସମ୍ମିଳନୀ ।

୨- ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ଲାଗି ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ୍ କର୍‌ବାର୍‌କେ ଛତିଶ୍‌ଗଡ଼୍‌କେ ନିର୍ଦ୍ଦେଶ୍ ଦେଲେ ଟ୍ରିବ୍ୟୁନାଲ୍ ।

୩- ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ୍‌ର ପୁର୍ନଗଠନ୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ରାଏଜେ ଏବ୍‌ତକ୍ ୩ ଲାଖ୍ ୫୮ ହଜାର୍ ଟନ୍ ନୁ ଅଏତ୍‌କା ଧାନ୍ ଘିନାଯାଇଛେ ।

- ଆଏବା କାଏଲ୍ ଧାନ୍ ଘିନାକେ ନେଇକରି ଲୋକ୍‌ସେବା ଭବନ୍ ନ ହେବା ବୈଠକ୍ ।

ମୁଖ୍ୟମନ୍ତ୍ରୀ- ନିବେଶକ୍ ସମ୍ମିଳନୀ    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ଭାରତ୍‌ର ଅଭିବୃଦ୍ଧିର୍ ଇଞ୍ଜିନ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ହାଇଦ୍ରାବାଦ୍ ନୁ ଓଡ଼ିଶା ପୁହୁଁଚିକରି ଆଏଜ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି କହିଛନ୍, ନିବେଶକ୍ ସମ୍ମିଳନୀଥି ବହୁତ୍‌ଟେ ସଫଲତା ମିଳିଛେ । ସମ୍ମିଳନୀଥି ୨୭ ହଜାର୍ ୬ ଶହ ୫୦ କୋଟି ଟଙ୍କାର୍ ୧୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇତାର୍‌ସହେତେ ୬୭ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଆସିଛେ । ଇତାର୍‌ଜରିଏ ରାଏଜେ ୫୬ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆଏବା ଜାନୁଆରୀ ୨୮ ଆଉ ୨୯ ତାରିଖ୍ ଦିନ ରାଉର୍‌କେଲା ନ ଏଂଟରପ୍ରାଇଜ୍ ଓଡ଼ିଶା ସମ୍ମିଳନୀର୍ ଆୟୋଜନ୍ କରାଯିବା । ଆଏବା ୩ ମାସ୍ ଭିତ୍‌ରେ ନିବେଶ୍ ପ୍ରସ୍ତାବ୍ ମାନ୍‌କୁ କାର୍ଯ୍ୟକାରୀ କରିକରି ପ୍ରକଳ୍ପ ମାନ୍‌କର୍ ଶିଳାନ୍ୟାସ୍ କର୍‌ବାର୍ ଉପ୍‌ରେ ଜୋର୍

ଦିଆଯିବା । ଇ ଜବ୍ ଡୁଇଙ୍ଗ୍ ବିଜ୍‌ନେସ୍‌ଥି ଉନ୍ନତି ଆନ୍‌ବାର୍ ଲାଗି ଭିନ୍ ଭିନ୍ ଆଇନ୍‌ଥି ୨୩ ଟା ସଂଶୋଧନ୍ କରାଯାଉଛେ ।

ମହାନଦୀ ଜଲ୍ ବିବାଦ ଟ୍ରିବ୍ୟୁନାଲ        ହି.ସ./ଏକ୍ସ

ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ଲାଗି ଓଡ଼ିଶା ବାଗିର୍ ଛତିଶ୍‌ଗଡ଼୍‌କେ ଭିଲ୍ ଗୁଟେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ୍ କର୍‌ବାର୍‌କେ ମହାନଦୀ ଜଲ୍ ବିବାଦ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଶୁଣାଣି ବେଲ୍‌କେ ଓଡ଼ିଶା ତର୍‌ଫୁ ଆଡ଼୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ଓଡ଼ିଶାର୍ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବାବ୍‌ଦେ ଟିବ୍ୟୁନାଲ୍‌କେ ସୂଚ୍‌ନା ଦେଇଛନ୍ । ତାର୍ ଉତ୍‌ରୁ ଟ୍ରିବ୍ୟୁନାଲ୍ ଛତିଶ୍‌ଗଡ଼୍‌କେ ଇ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ବଛର୍ ଏପ୍ରିଲ୍ ମାସେ ଟ୍ରିବ୍ୟୁନାଲ୍‌ଙ୍କର୍ କାର୍ଯ୍ୟକାଲ୍ ଶେଷ୍ ହେଉଥିବାର୍‌ନୁ ସମିଆ ବଢ଼ାବାର୍ ଲାଗି ହେଇଥିବା ଆବେଦନ୍‌କେ ମଞ୍ଜୁରୀ ମିଲିଛେ । ଇ ବାବ୍‌ଦେ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ସର୍‌କାର୍‌ଙ୍କୁ ଲିଖିତ୍ ଭାବେ ଜନାବାର୍‌କେ କୁହାଯାଇଛେ । ଟ୍ରିବ୍ୟୁନାଲ୍‌ର ଆଏବା ଶୁଣାଣି ୨୦୨୬ ଫେବୃଆରୀ ମାସ ୭ ତାରିଖ୍ ଦିନ ହେବା ବଲି ଧାରିଜ୍ କରାଯାଇଛେ ।

ମନ୍ କି ବାତ୍       ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍ଥି ସେମାନ୍କର୍ ମତାମତ୍ ଦେଇପାର୍ବେ । ଇତାର୍ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍ବେ । ୧୯୨୨ ନମ୍ବର୍କେ ମିସଡ଼୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ଆଏବା ୨୬ ତାରିଖ୍ତକ୍ ନିଜର୍ ମତାମତ୍ ଦେଇପାର୍ବେ ।

ଚିଟ୍ଫଣ୍ଡ୍       ପ୍ରେସ୍ ରିଲିଜ୍

ରାଜ୍ୟ ସର୍କାର୍ ଚିଟ୍ଫଣ୍ଡ୍ଥି ନୁକ୍ସାନ୍ ସହିଥିବା ସବୁ କ୍ଷୁଦ୍ର ଆବେଦନ୍କାରୀଙ୍କୁ ଅଗ୍ରାଧିକାର୍ ଭିତିଥି ଟଙ୍କା ଫିରଉଛନ୍ ।

ଆଏବା ୩୧ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା । ଇତାର୍ ସୁଯୋଗ୍ ନେବାର୍ ଲାଗି ସବୁ କ୍ଷୁଦ୍ର ଆବେଦନ୍‌କାରୀଙ୍କୁ ରାଜ୍ୟ ଅର୍ଥ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ତଦନ୍ତ ଆୟୋଗ୍ ସୁପାରିଶ୍ କରିଥିବା ଆଉ ଟଙ୍କା ଫିରି ନାଇଁ ପାଇଥିବା ସବୁ କ୍ଷୁଦ୍ର ଜମାକାରୀମାନେ ତାଙ୍କର୍ ଟଙ୍କା ଫିରିପାଏବେ । ଜମାକାରୀମାନେ ଦର୍‌କାରୀ ଦସ୍ତାବିଜ୍ ସହେତେ ପାଖର୍ ରାଜସ୍ୱ ନିରୀକ୍ଷକଙ୍କର୍ ପାଖେ ଯୋଗାଯୋଗ୍ କଲେ ୧୫ ଦିନ୍ ଭିତ୍‌ରେ ସେମାନ୍‌କର୍ ଜମା ଟଙ୍କା ଫିରିପାଏବେ ବଲି ଅର୍ଥ ବିଭାଗ୍ ତର୍‌ଫୁ କୁହାଯାଇଛେ । ଜମାକାରୀମାନେ ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ୦୬୭୪-୨୩୯-୫୧୫୩ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ । ସେଆଡ୍ ଜମାକାରୀମାନ୍‌କୁ ଖେପ୍‌ଖେପ୍ କରି ସବୁ ଟଙ୍କା ଫିରାଯିବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ ।

ପଛୁଆ ବର୍ଗ ଆୟୋଗ ପି.ଆଇ.ବି.

ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗର ପୁର୍ନଗଠନ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ରାଜ୍ୟର୍ ଜନସଂଖ୍ୟାଥି ଗୁଟେ ପ୍ରମୁଖ ଅଂଶୀଦାର୍ ଭାବେ ୨

ଶହ ୧୬ ଟା ସାମାଜିକ୍ ଆଉ ଶିକ୍ଷାଗତ ପଛୁଆବର୍ଗର୍ ଲୋକ୍ ଓଡ଼ିଶା ନ ରହୁଛନ୍ । ଆୟୋଗ୍ କାର୍ଯ୍ୟକ୍ଷମ୍ ନାଇଁ ହଉଥିବାର୍ନୁ ଇ ବର୍ଗର୍ ଲୁକେ ଶିକ୍ଷା, ନିଯୁକ୍ତି ଆଉ କଲ୍ୟାଣ୍କାରୀ ଯୋଜ୍ନାର୍ ଲାଭ୍ ପାଏବାର୍ ନୁ ବଂଚିତ୍ ରହୁଛନ୍ । ନୂଆଁ ଜାତିକେ ଏସ୍.ଇ.ବି.ସି. ତାଲିକାଥି ସାମିଲ୍ କର୍ବାର୍, ଅଭିଯୋଗ୍ର ସମାଧାନ୍ ଆଉ ପଛୁଆବର୍ଗଙ୍କର୍ ଲାଗି ସର୍କାର୍ଙ୍କୁ ନୀତିଗତ ପରାମର୍ଶ ଦେବାର୍ଥି ଆୟୋଗଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ସାମାଜିକ୍ ନ୍ୟାୟ ପ୍ରଦାନ୍ ଆଉ ପଛୁଆବର୍ଗର୍ ଲୁକ୍କର୍ ଆଶା ପୂରଣ୍କେ ନଜର୍ଥି ରଖିକରି ଆୟୋଗ୍ ପୁର୍ନଗଠନ୍ କର୍ବାର୍କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କରିଛନ୍ ।

ଧାନ୍ମଣ୍ଡି- ବୈଠକ୍ ହି.ସ.

ରାଏଜେ ଧାନ୍ ମଣ୍ଡି ଅବ୍ୟବସ୍ଥାକେ ନେଇକରି ଆଏବାକାଏଲ୍ ଭୁବ୍ନେଶ୍ୱର୍ର ଲୋକ୍ସେବା ଭବନ୍ ନ ଗୁଟେ ଜରୁରୀ ବୈଠକ୍ ହେବା । ବୈଠକ୍ଥି ଧାନ୍ ଘିନା ସମସ୍ୟାର୍ ସମାଧାନ୍ ବିଷେ ଆଲୋଚନା କରାଯିବା । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଆଉ ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ୍ ରହେବେ । ଏଛେନ୍‌ତକ୍ ୮୫ ହଜାର୍ ଶହେ ୮୩ ଝନ୍ ଚାଷୀଙ୍କର୍‌ନୁ ୩ ଲାଖ୍ ୮୫ ହଜାର୍ ୪ ଶହ ୫ ଟନ୍ ଧାନ୍ ଘିନାଯାଇଛେ ।

ଗାଡ଼ିମଟର୍ ଯାଂଚ୍        ଏକ୍ସ

ରାଏଜେ ଜାନୁଆରୀ ୧ ତାରିଖ୍‌ନୁ ଗାଡ଼ିମଟର୍ ଯାଂଚ୍ କଡ଼ାକଡ଼ି ଭାବେ କରାଯିବା ବଲି ପରିବହନ୍ ଆୟୁକ୍ତ ଅମିତାଭ୍ ଠାକୁର୍ କହିଛନ୍ । ସେ କହିଛନ୍, ଲୁକେ ସଡ଼କ୍ ସୁରକ୍ଷା ମାନିକରି ଚଲ୍‌ଲେ ଦୁର୍ଘଟଣା ନାଇଁ ହୁଏ । ମୋଟର୍ ଯାନ ଆଇନ୍ ଉଲ୍ଲଂଘନ୍‌କାରୀଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଗାଟିମଟର୍‌ମାନ୍‌କର୍ ପ୍ରଦୂଷଣ୍ ସାର୍ଟିଫିକେଟ୍ ନାଇଁଥିଲେ ପେଟ୍ରୋଲ୍‌ପମ୍ପ୍ ମାନ୍‌କେ ପେଟ୍ରୋଲ୍ ନାଇଁ ଦିଆଯାଏ । ଇ ବାବ୍‌ଦେ ସବୁ ପେଟ୍ରୋଲ୍ ପମ୍ପ୍ ମାଲିକ୍ ଆଉ ଡିଲର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରାଯାଇଛେ । ଲୁକେ ଜଲ୍‌ଦି ପ୍ରଦୂଷଣ୍ ସାର୍ଟିଫିକେଟ୍ ବାହାର୍ କରିନଉନ୍ ବଲି ଶ୍ରୀ ଠାକୁର୍ କହିଛନ୍ ।

ବି.ଭି.ଜି ରାମ୍ ଜି        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ ଭାରତ୍ ଜି ରାମ୍ ଜି ଆଇନ୍ ଜରିଏ ସର୍କାର୍ ଗାଁ ଇଲାକା ନ ରୋଜ୍ଗାର୍କେ ସୁନିର୍ଶ୍ଚିତ୍ କରିଛନ୍ । ବିକଶିତ୍ ଗ୍ରାମ୍ ପଂଚାୟତ୍ନୁ ବିକଶିତ୍ ଭାରତ୍ ଆଡ଼୍କେ ଦେଶ୍କେ ନେବାର୍ ଲାଗି ଇ ଆଇନ୍ ସହାୟକ୍ ହେବା । ନୂଆଁ ଆଇନ ଜରିଏ ହାଇପର୍ ଲୋକାଲ୍, ବିକଶିତ ଗ୍ରାମ ପଂଚାୟତ୍ ଯୋଜ୍ନାଥି କାମକାଜ୍ର ଆଗ୍ତୁରା ତୟାରି କରିକରି କାମ୍ ଯୁଗେଇ ଦିଆଯିବା । ଡିଜିଟାଲ୍ ପେିଠ ଆଉ ସୁରକ୍ଷା ସୁନିର୍ଶ୍ଚିତ୍ ହେବା । ଇ ଆଇନ୍ ଜରିଏ ୨୦୨୪ -୨୫ ବଛ୍ରେ ୯୯ ଦଶ୍ମିକ୍ ୯/୪ ପ୍ରତିଶତ୍ ବୈଦ୍ୟୁତିକ୍ ମଜୁରୀ ଲକ୍ଷ୍ୟ ହାସଲ୍ କର୍ବାର୍କେ ଯୋଜ୍ନା କରାଯାଇଛେ । ଇତାର୍ ଜରିଏ କାମ୍ର ପ୍ରମାଣ୍ ରହେବାର୍ ସହେତେ ମଜୁରୀ ଚୋରି କମ୍ କରାଯାଇପାର୍ବା । କାମ୍ ନାଇଁ ମିଲ୍ଲେ ରାଜ୍ୟ ସର୍କାର୍ ବେକାରୀ ଭତା ଭିଲ୍ ଯୁଗେଇ ଦେବେ । ଇ ଆଇନ୍ ଗାଁ ଇଲାକାର୍ ଆର୍ଥିକ୍ ଥିତି ଆହୁରି ମଜ୍ବୁତ୍ କର୍ବା ବଲି ବର୍ଗଡ଼୍ ର ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ପୃଥ୍ୱୀରାଜ୍ ଭୋଇ କହିଛନ୍,

(ଭଏସ୍ ଓଭର୍- ପୃଥ୍ୱୀରାଜ୍ ଭୋଇ)

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି      ସୁବର୍ଣ୍ଣପୁର /ବୌଦ୍ଧ/ଦେବଗଡ଼

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ ସିଂହିଯୁବା ପଂଚାୟତ୍ ନ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିରଥି ୯୭ ଟା ଅଭିଯୋଗ୍ ଆସିଥିଲା । ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାସ୍ତରୀୟ ସୁଶାସନ୍ ସପ୍ତାହ ପାଲନ୍ ଅବ୍‌ସରେ ଗୁଟେ କର୍ମଶାଳା ହେଇଥିଲା ।

ବୌଦ୍ଧ ଜିଲ୍ଲା ପଦ୍ମନ୍‌ପୁର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ଶହେ ୨୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪୧ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ କାଦୋପଡ଼ା ପଂଚାୟତ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୪୫ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ି ହେବାର୍ ନେଇକରି ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, କେନ୍ଦୁଝର୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ୧୨ ଟା ଜିଲ୍ଲା  ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।